# aurAkashvani, Sambalpur

## SAMBALPURI NEWS BULLETIN

### 20 August 2025 - 6.47- 6.52 am.

**********************************************

ମୁଖ୍ୟମନ୍ତ୍ରୀ- ସମୃଦ୍ଧ ଓଡ଼ିଶା I&PR

ସବୁ କ୍ଷେତ୍ରଥି ଉତ୍କର୍ଷ ଆଉ ସାମଗ୍ରିକ ସଫଳତା ହିଁ ଏଛ୍‌ନିର୍ ସମିଆର୍ ଆବଶ୍ୟକତା ଆଏ ଆଉ ଇଟାହିଁ ଆମର୍ ସମୃଦ୍ଧ ଓଡ଼ିଶାର୍ ଲକ୍ଷ୍ୟ ପୂରଣ୍ କର୍‌ବା ବଲି ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ କହିଛନ୍ । ଭୁବ୍‌ନେଶ୍ୱର୍ ନ ଗୁଟେ ଘରୋଇ ନ୍ୟୁଜ୍ ଚେନାଲ୍‌ର ପ୍ରତିଷ୍ଠା ଦିବସ୍ କାର୍ଯ୍ୟକ୍ରମ୍‌ଥି ଯୋଗ୍ ଦେଇକରି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍, ମହିଳା ସଶକ୍ତିକରଣ୍ ଦିଗେ ରାଜ୍ୟ ସର୍‌କାର୍‌ଙ୍କର୍ ଅଭିମୁଖ୍ୟ ସବୁନୁ ଭଲ୍ ଆଉ ସୁଭଦ୍ରା ବାଗିର୍ ଯୋଜ୍‌ନା ର୍ ସଫଳତା ଆମର୍ ପ୍ରତିବଦ୍ଧତାର୍ ପରିଚୟ ଆଏ । ୧୭ ଲାଖ୍ ଲକ୍ଷପତି ଦିଦି, ସମୃଦ୍ଧ କୃଷକ୍ ଯୋଜ୍‌ନାଥି ଧାନ୍ କ୍ୱିଂଟାଲ୍ ପିଛା ଅଏତ୍‌କା ୮ ଶହ ଟଙ୍କା, ଆୟୁଷ୍ମାନ୍ ଭାରତ୍ ଯୋଜ୍‌ନା କାର୍ଯ୍ୟକାରୀ କରାବାର୍, ୧୪ ମାସେ ୧୪ ଟା ଜନଶୁଣାଣି କରିକରି ୯୦ ପ୍ରତିଶତ୍‌ନୁ ଅଏତ୍‌କା ଲୁକ୍‌କର ସମସ୍ୟାର୍ ସମାଧାନ୍ କର୍‌ବାର, ଜାତୀୟ ଶିକ୍ଷାନୀତି ଲାଗୁ କର୍‌ବାର୍ ବାଗିର୍ ପଦକ୍ଷେପ୍ ସର୍‌କାର୍‌ଙ୍କର୍ ରାଜ୍ୟବାସୀଙ୍କର୍ ବିଶ୍ୱାସ୍ ବଢ଼େଇଛେ ବଲି ମୁଖ୍ୟମନ୍ତ୍ରୀ କହିଛନ୍ ।

ରେଲ୍‌ଷ୍ଟେସନ- ଲଗେଜ୍ ଚାର୍ଜ ଆର୍‌ଏନ୍‌ୟୁ/ ସମ୍ବଲପୁର

ବିମାନ୍ ବନ୍ଦର୍ ମାନ୍‌କର୍ ବାଗିର୍ ରେଲ୍‌ଷ୍ଟେସନ୍ ମାନ୍‌କେ ଭିଲ୍ ସାମାନ୍ ଚାର୍ଜ ଲାଗୁ କର୍‌ବାର୍‌କେ ରେଲ୍‌ବାଇ ଯୋଜ୍‌ନା କରୁଛେ । ରେଲ୍‌ବାଇର୍ ପ୍ରସ୍ତାବିତ୍ ନିୟମ୍ ଅନ୍‌ସାରେ ରେଲ୍ ଯାତ୍ରୀମାନେ ଧାରିଜ୍ ସୀମାଠାନୁ ଅଏତ୍‌କା ଉଜନ୍‌ର ସାମାନ୍ ନେଲେ ଅଏତ୍‌କା ପଏସା ଦେବାର୍‌କେ ପଡ଼୍‌ବା । ଇଲେକ୍ଟ୍ରୋନିକ୍ସ ମିସିନ୍ ଜରିଏ ରେଲ୍‌ଯାତ୍ରୀମାନେ ସେମାନ୍‌କର୍ ସାମାନ୍‌ର ଉଜନ୍ କରାବେ । ଦେଶର୍ ପ୍ରମୁଖ ରେଲ୍‌ଷ୍ଟେସନ୍ ମାନ୍‌କେ ଇ ନୂଆଁ ନିୟମ୍ ଲାଗୁ କରାଯିବା ବଲି ଜନାପଡ଼ିଛେ ।

ନିଟ୍-ପିଜି ପରୀକ୍ଷାଫଲ ଆର୍‌ଏନ୍‌ୟୁ/ ସମ୍ବଲପୁର

୨୦୨୫ ନିଟ୍-ପିଜି ପରୀକ୍ଷାଫଲ୍ ଗଲାକାଏଲ୍ ବାହାରିଛେ । ଇଥି ସଫଲ୍ ହେଇଥିବା ଛାତ୍ରଛାତ୍ରୀ ମେଡ଼ିସିନ୍, ଏମ୍‌ଏସ୍, ଡିଏନ୍‌ବି, ଡିଆର୍‌ଏନ୍‌ବି ବାଗିର୍ ୬ ବର୍ଷିଆ ପାଠ୍ୟକ୍ରମ୍ ଲାଗି ନାଁ ଲେଖେଇପାର୍‌ବେ । ଗଲା ୩ ତାରିଖ୍ ଇଥିର୍‌ଲାଗି ପରୀକ୍ଷା ହେଇଥିଲା । ନାଁଲେଖାବାର୍ ଲାଗି ଛାତ୍ରଛାତ୍ରୀମାନେ ୨୯ ତାରିଖ୍‌ନୁ ସ୍କୋର୍‌ବୋର୍ଡ଼ ଡାଉନ୍‌ଲୋଡ୍ କରିପାର୍‌ବେ । ଇ ବାବ୍‌ଦେ ଅଏତ୍‌କା ଜାନ୍‌ବାର୍ ଲାଗି ଛାତ୍ରଛାତ୍ରୀ ଏନ୍‌ବିଇଏମ୍‌ଏସ୍ ୱେବ୍‌ସାଇଟ୍ natboard.edu.in ଥି ନିଜର୍

ସ୍କୋର୍‌ବୋର୍ଡ଼ ଦେଖିପାର୍‌ବେ ବଲି ଏନ୍‌ବିଇଏମ୍‌ଏସ୍ ତର୍‌ଫୁ କୁହାଯାଇଛେ ।

ଅପରେସନ୍ ସିନ୍ଦୁର୍ ପାଠ୍ୟପୁସ୍ତକ୍          ଆର୍‌ଏନ୍‌ୟୁ/ ସମ୍ବଲପୁର

ଦେଶର୍ ୩ ନୁ ୧୨ ଶ୍ରେଣୀ ତକ୍ ଛାତ୍ରଛାତ୍ରୀମାନେ ଅପରେସନ୍ ସିନ୍ଦୁର୍ ବାବ୍‌ଦେ ପାଠ୍‌ପଢ଼୍‌ବେ । ଇବାବ୍‌ଦେ ଏନ୍.ସି.ଇ.ଆର୍.ଟି ତର୍‌ଫୁ ଗୁଟେ ଖାସ୍ ମଡ୍ୟୁଲ୍ ଜାରି କରାଯାଇଛେ । ମଡ୍ୟୁଲ୍‌ଥି ଦର୍ଶାଯାଇଛେ, ଅପରେସନ୍ ସିନ୍ଦୁର୍ ଖାଲି ଗୁଟେ ସାମରିକ୍ କାର୍ଯ୍ୟାନୁଷ୍ଠାନ୍ ନାଇଁ ଥାଇ । ଶାନ୍ତି, ସମ୍ମାନ୍ ରକ୍ଷା ଲାଗି ଗୁଟେ ପ୍ରତିଶ୍ରୁତି ଥିଲା । ଜମ୍ମୁ କାଶ୍ମୀର୍‌ର ପେହେଲ୍‌ଗାମ୍ ଆତଙ୍କବାଦୀ ଘଟ୍‌ନାଥି ପାକିସ୍ତାନ୍‌ର ସମ୍ପୃକ୍ତି ସାମ୍ନାକେ ଆସ୍‌ବାର୍‌ନୁ ଅପରେସନ୍ ସିନ୍ଦୁର୍ ଜରିଏ ତାର୍ ଜବାବ୍ ଦିଆଯାଇଥିଲା ।

ଓଡ଼ିଶା ଉର୍ଦ୍ଦୁ ପୁରସ୍କାର୍          I&PR

ଭୁବ୍‌ନେଶ୍ୱର୍ ସଂସ୍କୃତି ଭବନ୍ ଠାନେ ଗଲାକାଏଲ୍ ଓଡ଼ିଶା ଉର୍ଦ୍ଦୁ ଏକାଡେମୀ ତର୍‌ଫୁ ହେଇଥିବା ସମ୍ମାନ୍ ସମାରୋହଥି ୨୦୨୩ ବଛର୍ ଲାଗି ୩ ଝନ୍ ଲେଖକଙ୍କୁ ପୁରସ୍କୃତ୍ କରାଯାଇଛେ । ଭଦ୍ରକ୍ ଜନାବ୍ ଶେଖ୍ ଅନ୍‌ୱର୍ ହୁସେନ୍‌ଙ୍କୁ ଅମ୍‌ଜର୍ ନଜ୍‌ମୀ ପୁରସ୍କାର୍ ଦିଆଯାଇଥିଲା

ବେଲ୍‌କେ କଟକ୍ ଜନାମ୍ ଅବ୍‌ଦୁଲ୍ ହକ୍ ବେତାବ୍‌ଙ୍କୁ ଡକ୍ଟର୍ କରାମତ୍ ଅଲ୍ଲୀ କରାମତ୍ ପୁରସ୍କାର୍ ଆଉ କଟକ୍ ଜନାବ୍ ସମିଉଲ୍ ହକ୍ ସାକିର୍‌ଙ୍କୁ ରଶ୍ମୀକାନ୍ତ ରାହୀ ପୁରସ୍କାର୍ ପ୍ରଦାନ୍ କରାଯାଇଛେ । ବାଚସ୍ପତି ସୁରମା ପାଢ଼ୀ କାର୍ଯ୍ୟକ୍ରମ୍‌ଥି ମୁଖ୍ୟଅତିଥି ଭାବେ ଯୋଗ୍ ଦେଇକରି ଲେଖକମାନ୍‌କୁ ପୁରସ୍କୃତ୍ କର୍‌ବାର୍ ସହେତେ ଉର୍ଦ୍ଦୁ ସାହିତ୍ୟକେ ଆହୁରି ଆଗ୍‌କେ ନେବାର୍‌କେ ଆହ୍ୱାନ୍ ଦେଇଛନ୍ ।

ଅପରେସନ୍ ଗରୁଡ଼୍ -ସମ୍ବଲପୁର ଆର୍‌ଏନ୍‌ୟୁ/ ସମ୍ବଲପୁର

ଅପରେସନ୍ ଗରୁଡ଼୍ ଜରିଏ ସମ୍ବଲ୍‌ପୁର୍ ଜିଲ୍ଲା ନ ପୁଲିସ୍ ତର୍‌ଫୁ ଭିନ୍ ଭିନ୍ ଅପରାଧୀକ ଜାଗାମାନ୍‌କୁ ଚଢ଼ଉ କରାଯାଇକରି ୧୦ ଟା ମାମ୍‌ଲାଥି ୧୮ ଝନ୍‌କୁ ଗିରଫ୍ କରାଯାଇଛେ । ସେମାନ୍‌କର୍ ଠାନୁ ୩୧ ହଜାର୍‌ନୁ ଅଏତ୍‌କା ଟଙ୍କା, ୩ ଟା ମଟର୍ ସାଇକଲ୍ ଆର୍ ୭ ଟା ମୋବାଇଲ୍ ଫୋନ୍ ଜବତ୍ କରାଯାଇଛେ । ସେନ୍ତା ନିଶା କାର୍‌ବାର୍ ଅଭିଯୋଗ୍‌ଥି ୧୨ ଟା ମାମ୍‌ଲା ରୁଜୁ କରାଯାଇକରି ୨୪ ଝନ୍‌କୁ ଗିରଫ୍ କରାଯାଇଛେ । ବହୁତ୍ ପରିମାଣ୍‌ଥି ଗଞ୍ଜେଇ, କପ୍‌ସିରପ୍, ନିଶା ବଟିକା ସହେତେ ମୋବାଇଲ୍ ଫୋନ୍, ଗାଡ଼ିମଟର୍ ଜବତ୍ କରାଯାଇଛେ ବଲି ଜିଲ୍ଲା ପୁଲିସ୍ ତର୍‌ଫୁ ସୂଚ୍‌ନା ଦିଆଯାଇଛେ । ସେନ୍ତା ଅବକାରୀ ବିଭାଗ୍

ଭିଲ୍ ଶହେ ୮୨ ଟା ମାମ୍ଲା ରୁଜୁ କରିକରି ଶହେ ୮୨ ଝନ୍‌କୁ ଗିରଫ୍ କରିଛେ ବଲି ପୁଲିସ୍ ତର୍‌ଫୁ କୁହାଯାଇଛେ ।

ବର୍‌ଗଡ଼୍ ଜିଲ୍ଲାପାଲ୍ ସ୍ୱାସ୍ଥ୍ୟକେନ୍ଦ୍ର     ଆର୍‌ଏନ୍‌ୟୁ/ ସମ୍ବଲପୁର

ବର୍‌ଗଡ଼୍ ଜିଲ୍ଲାପାଲ୍ ଆଦିତ୍ୟ ଗୋୟଲ୍ ଗଲାକାଏଲ୍ ଝାର୍‌ବନ୍ଧ ଆର୍ ଡଭା ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନ୍ କରିଛନ୍ । ଡାକ୍ତର୍ ଆର୍ ଅଧିକାରୀମାନ୍‌କର୍ ସାଙ୍ଗେ ଡାକ୍ତର୍‌ଖାନାମାନ୍‌କର୍ କାମ୍ କାଜ୍ ପଚ୍‌ରେଇ ବୁଝିଥିଲେ । ଡାକ୍ତର୍‌ଖାନାମାନ୍‌କର୍ ଭିତିଭୂମି ଅନୁଧାନ୍ କର୍‌ବାର୍ ସହେତେ ସବୁ ସଜ୍‌ଡ଼ାବାର୍ ଲାଗି ନିର୍ଦ୍ଦେଶ୍ ଦେଇଛନ୍ । ଝାର୍‌ବନ୍ଧ୍ ଡାକ୍ତର୍‌ଖାନା ସାମ୍ନା ନ ଥିବା ଜବର୍‌ଦଖଲ୍‌କେ ନେଇକରି ଅସନ୍ତୋଷ୍ ପ୍ରକାଶ୍ କର୍‌ବାର୍ ସହେତେ ଡଭା ଡାକ୍ତର୍‌ଖାନା ଲାଗି ନୂଆଁ କୋଠା ତିଆର୍ କର୍‌ବାର୍‌କେ ଜାଗା ଠାବ୍ କରିଥିଲେ ।

ଡିଜିଟାଲ୍ ଫସଲ୍ ସର୍ବେକ୍ଷଣ     ଆର୍‌ଏନ୍‌ୟୁ/ ସମ୍ବଲପୁର

ଦେବ୍‌ଗଡ଼୍ ଜିଲ୍ଲା କୃଷି ବିଭାଗ୍ ତର୍‌ଫୁ କ୍ଷେତ୍ରୀୟ ଅଧିକାରୀମାନ୍‌କୁ ନେଇକରି ଗୁଟେ ଡିଜିଟାଲ୍ ଫସଲ୍ ସର୍ବେକ୍ଷଣ ତାଲିମ୍ ଶିବିର ହେଇଯାଇଛେ । ଜିଲ୍ଲା ପରିଷଦ୍ ସମ୍ମିଳନୀ କକ୍ଷ ନ ହେଇଥିବା

କାର୍ଯ୍ୟକ୍ରମ୍‌ଥି ଅତିରିକ୍ତ ଜିଲ୍ଲାପାଲ୍ ରେବେକା ବିଲୁଙ୍ଗ ଅଧ୍ୟକ୍ଷତା କରିକରି କ୍ଷେତ୍ର ଅଧିକାରୀମାନ୍‌କର୍ ଭୂମିକା ବାବ୍‌ଦେ ବୁଝେଇଥିଲେ ।

ବିଶ୍ୱ ମଶା ଦିବସ୍         ଆର୍‌ଏନ୍‌ୟୁ/ କଟକ

ଆଏଜ୍ ହେଉଛେ ବିଶ୍ୱ ମଶା ଦିବସ୍ । ବ୍ରିଟିଶ୍ ଡାକ୍ତର୍ ସାର୍ ରୋନାଲ୍ଡରସ୍ ୧୮୯୭ ମସିହାଥି ଆଝିର୍ ଦିନେ ତାଙ୍କର୍ ଆବିଷ୍କାର୍ ଜରିଏ ପୁରଥି ବାସୀକେ ଜନେଇଥିଲେ ଯେ, ମାଇ ଏନୋଫିଲିସ୍ ମଶା ଚାବ୍‌ଲେ ମେଲେରିଆ ଜର୍ ହେସି । ସାର୍ ରୋନାଲ୍ଡରସ୍ ଅବଦାନ୍‌କେ ମନେ ପକାବାର୍ ଲାଗି ଫି’ ବଛର୍ ଆଝିରର୍ ଦିନ୍‌କେ ବିଶ୍ୱ ମଶା ଦିବସ୍ ପାଲନ୍ କରାଯାଉଛେ ।

ପାଣିପାଗ            ଆର୍‌ଏନ୍‌ୟୁ/ ସମ୍ବଲପୁର

ଦକ୍ଷିଣ ଉପକୂଳ ଓଡ଼ିଶା ଉପ୍‌ରେ ରହିଥିବା ଅବପାତ ପଶ୍ଚିମ- ଉତର୍ ପଶ୍ଚିମ୍ ଦିଗ୍‌କେ ବଢ଼ିକରି ଦକ୍ଷିଣ ଭିତ୍‌ରିଆ ଓଡ଼ିଶା ଉପ୍‌ରେ କେନ୍ଦ୍ରୀଭୂତ ହେଇଛେ । ଇତାର୍ ପ୍ରଭାବ୍‌ଥି ରାଜ୍ୟର୍ ବଡ଼ଭାଗୀ ଜାଗା ନ ବର୍ଷା ଲାଗି ରହିଛେ । ଆଏବା ୨୪ ଘଂଟା ଭିତ୍‌ରେ ଦକ୍ଷିଣ ଓଡ଼ିଶା ଆର୍ ସମୁଦ୍ର ଖଁଡ଼ି ଇଲାକାର୍ ୧୧ ଜିଲ୍ଲା ନ ଜବର୍ ବର୍ଷା ହେଇପାରେ ବଲି  ଭୁବ୍‌ନେଶ୍ୱର୍

ଆଂଚଳିକ୍ ପାଣିପାଗ ବିଜ୍ଞାନ୍ କେନ୍ଦ୍ର ତର୍ଫରୁ ସତର୍କ ସୂଚ୍ନା ଜାରି କରାଯାଇଛେ ।